# ଗାଡ଼ି ଚାଳନା
## ଦାୟିତ୍ୱ ଓ ନିରାପତ୍ତା



ସମସ୍ତ ଗାଡ଼ି ଚାଳକଙ୍କ ଉଦ୍ଦେଶ୍ୟରେ
ଓଡ଼ିଶା ସଡ଼କ ସୁରକ୍ଷା ସମିତି
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା ଦ୍ୱାରା ପ୍ରସ୍ତୁତ

ମଣିଷ ସୁଖ ସାଚ୍ଛନ୍ଦ୍ୟ ପାଇଁ ମୋଟରଯାନର ଭୂମିକା ଗୁରୁତ୍ୱ ପୂର୍ଣ୍ଣ । କିନ୍ତୁ ଏହା ସହିତ ରାସ୍ତା ଦୁର୍ଘଟଣା ଓ ପରିବେଶ ପ୍ରଦୂଷଣ ପରି ସମସ୍ୟାମାନ ମଧ୍ୟ ଜଡ଼ିତ । ଗାଡ଼ିଚାଳକ ମାନଙ୍କୁ ଗାଡ଼ି ଚାଳନାର କେତେକ ସର୍ବନିମ୍ନ ଦାୟିତ୍ୱ ସଚେତନତା ଓ ନିୟମାବଳୀ ସମ୍ପର୍କରେ ସଚେତନ କରାଇବା ପାଇଁ ଏହି ପୁସ୍ତକାଟିକୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରସ୍ତୁତ କରି ଗାଡ଼ି ଚାଳକ ମାନଙ୍କ ହସ୍ତରେ ୧୯୯୬ ମସିହାରେ ଅର୍ପଣ କରିଥିଲେ ।

ଗତ ୧୪ ବର୍ଷ ମଧ୍ୟରେ ମୋଟର ଯାନ ଆଇନର ପରିବର୍ତ୍ତିତ ଓ ସଂଯୁକ୍ତ ଆଇନ ମାନଙ୍କୁ ଅନ୍ତର୍ଭୂକ୍ତ କରି ପୁସ୍ତିକାଟିର ପଞ୍ଚମ ସଂସ୍କରଣ ରାଜ୍ୟ ପରିବହନ ପ୍ରାଧିକାରୀ ଓ ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି ଆନୁକୁଲ୍ୟରେ ପ୍ରକାଶ କରାଯାଉଛି ।

| | | |
|---|---|---|
| ଗାଡି ଚାଳକର ନାମ | : | |
| ଠିକଣା | : | |

| | | |
|---|---|---|
| ପ୍ରଥମ ପ୍ରକାଶନ | : | ଅପ୍ରେଲ ୧୯୯୬ |
| ଦ୍ୱିତୀୟ ପ୍ରକାଶନ | : | ଅକ୍ଟୋବର ୨୦୦୫ |
| ତୃତୀୟ ପ୍ରକାଶନ | : | ମାର୍ଚ୍ଚ ୨୦୦୬ |
| ଚତୁର୍ଥ ପ୍ରକାଶନ | : | ମାର୍ଚ୍ଚ ୨୦୦୮ |
| ପଞ୍ଚମ ପ୍ରକାଶନ | : | ମାର୍ଚ୍ଚ ୨୦୧୦ |
| First Publication | : | April 1996 |
| Second Publication | : | October 2005 |
| Third Publication | : | March, 2006 |
| Fourth Publication | : | March, 2008 |
| Fifth Publication | : | March, 2010 |
| Price | : | Rs. 20/- only |

# ବିଷୟ ସୂଚୀ


◆ **ମୋଟର ଯାନର ଶ୍ରେଣୀ ବିଭାଗ** ୫
- ☆ ବ୍ୟବହାର ଦୃଷ୍ଟିକୋଣରୁ ଶ୍ରେଣୀ ବିଭାଗ
- ☆ ଓଜନ ଦୃଷ୍ଟିକୋଣରୁ ଶ୍ରେଣୀ ବିଭାଗ

◆ **ଚାଳକ ଲାଇସେନ୍ସ** ୬-୯
- ☆ ଚାଳକ ଲାଇସେନ୍ସ କିପରି ମିଳିବ
- ☆ ବିପଜ୍ଜନକ ମାଲ ପରିବହନ କରୁଥିବା ଗାଡି ଚଳାଇବା ପାଇଁ ଲାଇସେନ୍ସ
- ☆ ଡ୍ରାଇଭିଂ ଲାଇସେନ୍ସର ନବୀକରଣ
- ☆ ଡ୍ରାଇଭିଂ ଲାଇସେନ୍ସର ନକଲ
- ☆ କେଉଁ ପରିସ୍ଥିତିରେ ଲାଇସେନ୍ସ ରଦ୍ଦ ହେବ

◆ ଗାଡି ଚାଳକଙ୍କର ଦାୟିତ୍ୱ ୧୦-୧୨
- ☆ ଯାତ୍ରା ଆରମ୍ଭରୁ ଦାୟିତ୍ୱ
- ☆ ଗାଡିର ରେଜିଷ୍ଟ୍ରେସନ ନମ୍ବର ବ୍ୟବସ୍ଥା
- ☆ ଗାଡିର ଆଲୋକ ବ୍ୟବସ୍ଥା
- ☆ ଯାତ୍ରା କରିବା ସମୟରେ ଚାଳକଙ୍କର ଦାୟିତ୍ୱ

◆ [illegible] ୧୩--୧୭
- ☆ ଷ୍ଟିଅରିଂ ବ୍ୟବହାର
- ☆ ଗିଅର ବ୍ୟବହାର
- ☆ ବ୍ରେକ୍ ବ୍ୟବହାର
- ☆ ଦର୍ପଣ ବ୍ୟବହାର
- ☆ ସଙ୍କେତ ବ୍ୟବହାର
- ☆ ଇଂଜିନ୍ ସମ୍ପର୍କରେ
- ☆ କ'ଣ କରିବା ଉଚିତ୍
- ☆ କ'ଣ କରିବା ଅନୁଚିତ

◆ ନିରାପତ୍ତା ପାଇଁ ବିଶେଷ ସୂଚନା ୧୮-୨୨
☆ ବସ୍ ଡ୍ରାଇଭର ମାନଙ୍କ ପାଇଁ ସୂଚନା
☆ ଟ୍ୟାଙ୍କର ଡ୍ରାଇଭର ମାନଙ୍କ ପାଇଁ ସୂଚନା
☆ ବିପଜ୍ଜନକ ପଦାର୍ଥ ବହନ କରୁଥିବା ଗାଡି ଚାଳକମାନଙ୍କ ପାଇଁ ସୂଚନା-
☆ ଦୁର୍ଘଟଣା ଏଡାଇବା ପାଇଁ କେତେକ ସୂଚନା
◆ ଆଉ କେତୋଟି ଜାଣିବା କଥା ୨୨-୨୬
☆ ଓଭରଟେକ୍ କଲାବେଳେ କ'ଣ କରିବେ
☆ ଟାଣ ଖରାରେ ଗାଡି ଚଳାଇବା ବେଳେ କ'ଣ କରିବେ
☆ ରାତିରେ ଗାଡି ଚଳାଇବା ବେଳେ କ'ଣ କରିବେ
☆ କୁହୁଡି ମଧ୍ୟରେ ଗାଡି ଚାଲୁଥିବା ସମୟରେ
☆ ପାଣି ଜମିଥିବା ରାସ୍ତାରେ ଗାଡି ଚଳାଇବା ବେଳେ
◆ ହଠାତ୍ କିଛି ବିପଦ ପଡ଼ିଲେ କ'ଣ କରିବେ ୨୬-୨୯
☆ ଟାୟାର ଯଦି ଫାଟି ଯାଏ
☆ ଚକ ଯଦି ଖସଡି ଯାଏ
☆ ଗାଡି ରାସ୍ତା କଡ ମାଟିକୁ ଖସିଯାଏ
☆ ଗାଡିରେ ହଠାତ୍ ନିଆଁ ଲାଗିଗଲେ
☆ ଚାଲୁଥିବା ବେଳେ ଗାଡି ହଠାତ୍ ଖରାପ ହୋଇଗଲେ
☆ ଦୁର୍ଘଟଣା ଘଟିଲେ କ'ଣ କରିବେ
◆ ପ୍ରଦୂଷଣ ୨୯
☆ ହର୍ଣ୍ଣ
☆ ଧୂଆଁ
◆ ଗାଡିର ବେଗ ୩୦
◆ ଗାଡିର ପାର୍କିଂ ୩୧
◆ ଇନ୍ଧନ ବ୍ୟବହାରରେ ମିତବ୍ୟୟିତା ୩୨-୩୩
◆ ମୋଟରଯାନ ଆଇନର କେତୋଟି ଧାରା ୩୪-୩୬
◆ ଟ୍ରାଫିକ୍ ସଂକେତ ୩୭-୪୦


# ମୋଟର ଯାନର ଶ୍ରେଣୀ ବିଭାଗ

୨୫ ସି.ସି.ରୁ ଅଧିକ କ୍ଷମତା ସମ୍ପନ୍ନ ଯନ୍ତ୍ରଚାଳିତ ସମସ୍ତ ଯାନକୁ ''ମୋଟର ଗାଡ଼ି'' କୁହାଯାଏ।

**ବ୍ୟବହାର ଦୃଷ୍ଟିକୋଣରୁ ଶ୍ରେଣୀ ବିଭାଗ**

**ପରିବହନ ଯାନ** (Transport) : ଘରୋଇ କାର, ମୋଟର ସାଇକେଲ ଏବଂ ଅନ୍ୟ କେତେକ ସ୍ୱତନ୍ତ୍ର ଶ୍ରେଣୀର ଗାଡ଼ିକୁ ବାଦ୍ ଦେଲେ ଅନ୍ୟ ଗାଡ଼ିଗୁଡ଼ିକୁ ପରିବହନ ଯାନ କୁହାଯାଏ।

**ଘରୋଇ ଯାନ** (Private Vehicle) : ନିଜ ବ୍ୟବହାରରେ ଲାଗୁଥିବା ସମସ୍ତ ଗାଡ଼ି ଘରୋଇ ଯାନ ଅନ୍ତର୍ଭୁକ୍ତ। ଉଦାହରଣ : ଘରୋଇ କାର୍, ମୋଟର ସାଇକେଲ, ସ୍କୁଟର ଓ ମୋପେଡ।

**ଓଜନ ଦୃଷ୍ଟିକୋଣରୁ ଶ୍ରେଣୀ ବିଭାଗ :**

**ହାଲୁକା ମୋଟର ଗାଡ଼ି** (Light Motor Vehicle) : ଏହି ଗାଡ଼ିର ଅନୁମୋଦିତ ଓଜନ ମାଲ, ମୋଟର ଗାଡ଼ି ଓ ଯାତ୍ରୀଙ୍କୁ ମିଶାଇ ୭.୫ ଟନ୍‌ରୁ କମ ଅଟେ। କାର୍, ଟ୍ୟାକ୍ସି, ଅଟୋରିକ୍ସା, ଟ୍ରାକ୍ଟର, ଛୋଟ ବସ୍, ଛୋଟ ଟ୍ରକ ଆଦି ଶ୍ରେଣୀ ଭୁକ୍ତ।

**ମଧ୍ୟମ ଧରଣର ମୋଟର ଗାଡ଼ି** (Medium Motor Vehicle) : ଏହି ଗାଡ଼ିର ଅନୁମୋଦିତ ଓଜନ୍ ୭.୫ ଟନ୍‌ରୁ ୧୨ ଟନ୍ ମଧ୍ୟରେ ସୀମିତ। ମଧ୍ୟମ ଧରଣର ବସ୍ ଓ ଟ୍ରକ୍ ଇତ୍ୟାଦି ଏହି ଶ୍ରେଣୀର।

**ଭାରୀ ମୋଟର ଗାଡ଼ି** (Heavy Motor Vehicle) : ଏହି ଗାଡ଼ିର ଅନୁମୋଦିତ ଓଜନ ମାଲ ଓ ଯାତ୍ରୀଙ୍କୁ ମିଶାଇ ୧୨ ଟନ୍‌ରୁ ଅଧିକ। ବଡ ଟ୍ରକ୍, ବଡ ବସ୍, ଆଦି ଏହି ଶ୍ରେଣୀଭୁକ୍ତ।



# ଚାଳକ ଲାଇସେନ୍ସ

- ଯେକୌଣସି ଗାଡ଼ି ଚଳାଇବା ପାଇଁ ଚାଳକ ଲାଇସେନ୍ସ ଆଇନତଃ ବାଧ୍ୟତାମୂଳକ ଅଟେ। ପରିବହନ ଗାଡି ଏବଂ ବିପଜ୍ଜନକ ମାଲ ପରିବହନ କରୁଥିବା ଗାଡ଼ି ଚଳାଇବା ପାଇଁ ସ୍ୱତନ୍ତ୍ର ଅନୁମତି ଆବଶ୍ୟକ।
- ପ୍ରତ୍ୟେକ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର କ୍ଷମତାପ୍ରାପ୍ତ ଅଧିକାରୀମାନେ ହିଁ ଡ୍ରାଇଭିଂ ଲାଇସେନ୍ସ ଦେଇପାରିବେ।
- ଏହି ଲାଇସେନ୍ସ ଭାରତର ସମସ୍ତ ଅଞ୍ଚଳରେ ବ୍ୟବହାର କରାଯାଇପାରିବ। ଜଣେ ଚାଳକ ଏକାଧିକ ଲାଇସେନ୍ସ ରଖିପାରିବେ ନାହିଁ।
- ଘରୋଇ ଗାଡ଼ି ଚାଳକ ଲାଇସେନ୍ସ ପାଇଁ ବୟସ ଅତି କମରେ ୧୮ ବର୍ଷ ଏବଂ ପରିବହନ ଗାଡ଼ି ଚାଳକ ଲାଇସେନ୍ସ ପାଇଁ ସର୍ବନିମ୍ନ ୧ ବର୍ଷ ଘରୋଇ ଗାଡ଼ି ଚାଳନା ଲାଇସେନ୍ସ ଥିବା ଆବଶ୍ୟକ। ୫୦ ସି.ସିରୁ କମ କ୍ଷମତା ଥିବା ମୋଟର ସାଇକେଲ (ମୋପେଡ୍) ଡ୍ରାଇଭିଂ ଲାଇସେନ୍ସ ପାଇଁ ବୟସ ଅତି କମରେ ୧୬ ବର୍ଷ ହୋଇଥିବା ଦରକାର।

**ଚାଳକ ଲାଇସେନ୍ସ କିପରି ମିଳିବ :**

- ଆବେଦନକାରୀ ଯେଉଁଠାରେ ରହୁଥିବେ, ସଂପୃକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (R.T.O) ଙ୍କୁ ଲାଇସେନ୍ସ ପାଇଁ ଦରଖାସ୍ତ କରିବେ।
- ଆବେଦନ ପତ୍ର ସହିତ ୬ଟି ଫଟୋ, ନିର୍ଦ୍ଧାରିତ ଫି ଏବଂ ବୟସ ତଥା ବାସସ୍ଥାନ ସମ୍ବନ୍ଧୀୟ ପ୍ରମାଣପତ୍ର ଥିବା ଆବଶ୍ୟକ।
- ପରିବହନ ଗାଡ଼ି ଚାଳକ ଲାଇସେନ୍ସ ପାଇଁ ଡାକ୍ତର ସାର୍ଟିଫିକେଟ ମଧ ଦେବାକୁ ହେବ।
- ପରିବହନ ଅଧିକାରୀ ଆବେଦନକାରୀଙ୍କୁ ପ୍ରଥମେ ପ୍ରଶିକ୍ଷଣ ଲାଇସେନ୍ସ (Learner's Licence) ଦେବେ। ଏହି ପ୍ରଶିକ୍ଷଣ ଲାଇସେନ୍ସ ୬ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ।
- ପ୍ରଶିକ୍ଷଣ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ଏକାକୀ ଗାଡ଼ି ଚଳାଇବା ନିଷିଦ୍ଧ। ତାଙ୍କ ସହିତ ଜଣେ ଉପଯୁକ୍ତ ଅଭିଜ୍ଞ ଲାଇସେନ୍ସ ପ୍ରାପ୍ତ ଡ୍ରାଇଭର ବସିବା ଉଚିତ।

**ଗାଡ଼ିରେ ଯିବା ବେଳେ ରେଜିଷ୍ଟ୍ରେସନ୍ ବହି, ଚାଳକ ଲାଇସେନ୍ସ, ଟ୍ୟାକ୍ସ ପ୍ରମାଣପତ୍ର, ବୀମା ପଲିସି ଏବଂ ପରିବହନ ଗାଡ଼ି ହୋଇଥିଲେ ଫିଟ୍‌ନେସ୍ ସାର୍ଟିଫିକେଟ୍ ସର୍ବଦା ସଙ୍ଗରେ ରଖିବା ଆବଶ୍ୟକ।**



- ପ୍ରଶିକ୍ଷଣ ଲାଇସେନ୍ସ ଥାଇ ଗାଡ଼ି ଚଳାଇବା ସମୟରେ, ଗାଡ଼ିର ସାମ୍ନାରେ ଏବଂ ପଛରେ ଲାଲ୍ ରଂଗରେ L ଚିହ୍ନ ଲଗାଇବେ।
- ପରିବହନ ଯାନ ପାଇଁ ଲାଇସେନ୍ସ ପାଇବାକୁ ହେଲେ, ହାଲୁକା ମୋଟର ଗାଡ଼ି ଲାଇସେନ୍ସ ଥାଇ ଅତି କମ୍‌ରେ ଏକ ବର୍ଷର ଅଭିଜ୍ଞତା ଥିବା ଏବଂ ଯେ କୌଣସି ଏକ ଲାଇସେନ୍ସ ପ୍ରାପ୍ତ ମୋଟର ଚାଳନା ଶିକ୍ଷାଦେଉଥିବା ଅନୁଷ୍ଠାନରୁ ଗାଡ଼ିଚାଳନା ଶିଖିଥିବା ଏବଂ ସାର୍ଟିଫିକେଟ୍ ପାଇଥିବା ଆବଶ୍ୟକ।
- ସ୍ଥାୟୀ ଚାଳକ ଲାଇସେନ୍ସ ପାଇଁ ପ୍ରଶିକ୍ଷଣ ଲାଇସେନ୍ସ ପାଇବାର ୩୦ ଦିନ ପରେ ପ୍ରଶିକ୍ଷଣ ଲାଇସେନ୍ସ ବଳବତ୍ତର ଥିବା ବେଳେ ଆବେଦନକାରୀଙ୍କୁ ଗାଡ଼ି ଚାଳନା ପରୀକ୍ଷା ଦେବାକୁ ହେବ।
- ଉକ୍ତ ପରୀକ୍ଷାରେ କୃତକାର୍ଯ୍ୟ ହେଲେ, ସଂପୃକ୍ତ ପରିବହନ ଅଧିକାରୀ ଆବେଦନକାରୀଙ୍କୁ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଗାଡ଼ି ଚଳାଇବା ପାଇଁ ସ୍ଥାୟୀ ଚାଳକ ଲାଇସେନ୍ସ ଦେବେ।

**ବିପଜ୍ଜନକ ମାଲ ପରିବହନ କରୁଥିବା ଗାଡ଼ି ଚଳାଇବା ପାଇଁ ଲାଇସେନ୍ସ :**

- ଚାଳକଙ୍କର ପରିବହନ ଗାଡ଼ି ଚଳାଇବା ପାଇଁ ଲାଇସେନ୍ସ ଥିବା ଆବଶ୍ୟକ।
- ଚାଳକ ଇଂରାଜୀ ପଢ଼ି ଓ ଲେଖି ଜାଣିଥିବେ।
- ଉପରୋକ୍ତ ସ୍ୱତନ୍ତ୍ର ଗାଡ଼ି ଚଳାଇବା ପାଇଁ ଆବଶ୍ୟକ ତାଲିମ ନେଇ ସାର୍ଟିଫିକେଟ ପାଇଥିବେ। ଏଥିପାଇଁ ରାଜ୍ୟ ସରକାରଙ୍କ ସ୍ୱୀକୃତ ଅନୁଷ୍ଠାନରେ ୩ ଦିନ ତାଲିମ ନେବାକୁ ହେବ।

